# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 September – 2026

*************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ 'ଅଙ୍ଗନ କା ଉତ୍ସବ' ଓ ନବମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

– କହିଲେ, ତୃଣମୂଳସ୍ତରରେ ପୋଷଣ ଓ ଶିଶୁ ବିକାଶ ସେବା ଯୋଗାଇବାରେ ଅଙ୍ଗନବାଡ଼ି କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

- ହୃତପିଣ୍ଡର ଯତ୍ନ ଓ ହୃଦରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ହୃଦୟ ଦିବସ

- ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା

ଏବଂ

- ଏସୀୟ କ୍ରୀଡ଼ାର ବନ୍ଧୁକ ଚାଳନା ପ୍ରତିଯୋଗିତାରେ ନିରୁ ଢାଣ୍ଡାଙ୍କୁ ସ୍ୱର୍ଣ୍ଣପଦକ

# ଅଙ୍ଗନ କା ଉତ୍ସବ

ତୃଣମୂଳସ୍ତରରେ ପୋଷଣ ଓ ଶିଶୁ ବିକାଶ ସେବା ଯୋଗାଇବାରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ 'ଅଙ୍ଗନ୍ କା ଉତ୍ସବ' ଓ ନବମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟ ସଚେତନତା, ଗୋଷ୍ଠୀ ସମୁଦାୟର ଅଂଶଗ୍ରହଣ, ପୋଷଣ, ପରିବାରର ସକ୍ରିୟ ଅଂଶଗ୍ରହଣ ଓ ଆଗଧାଡ଼ି କର୍ମୀଙ୍କୁ ସମ୍ମାନିତ କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ମହିଳା ଓ ଶିଶୁଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ସମଗ୍ର ଦେଶରେ ଶିଶୁଙ୍କ ଟୀକାକରଣ କ୍ଷେତ୍ରରେ ଓଡିଶା ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ କରିବାରେ ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ମହିଳାଙ୍କ ଭାଗିଦାରୀ ବିନା ଦେଶର ବିକାଶ ସମ୍ଭବ ନୁହେଁ। ସେମାନଙ୍କ ଆର୍ଥିକ, ସାମାଜିକ ଓ ବ୍ୟକ୍ତିଗତ ସ୍ତରରେ ଉନ୍ନତି ପାଇଁ ସରକାର ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ସୁଭଦ୍ରା ଯୋଜନାରେ ରାଜ୍ୟରୁ କୋଟିଏରୁ ଉର୍ଦ୍ଧ୍ୱ ମହିଳା ଆର୍ଥିକ ସହାୟତା ପାଇଛନ୍ତି। ଶିଶୁ ଓ ମା'ଙ୍କ ସଠିକ୍ ପୋଷଣ

ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଧାୟକ ବାବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

Nabarangpur/Bhadrak

## ଅଙ୍ଗନା କା ଉତ୍ସବ

ରାଷ୍ଟ୍ରୀୟ ପୋଷଣ ମାସ ଓ 'ଅଙ୍ଗନ କା ଉତ୍ସବ' ଅବସରରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଷେଣ୍ଡତିରା ପଞ୍ଚାୟତ ବିଞ୍ଝା ଅଙ୍ଗନବାଡ଼ି କେନ୍ଦ୍ରରେ ଖାଦ୍ୟ ପ୍ରଦର୍ଶନୀ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିଭାବକ ଆଶା, ଅଙ୍ଗନବାଡ଼ି କର୍ମୀ, ମହିଳା, ହିତାଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

ନବରଙ୍ଗପୁର ଜିଲ୍ଲା ସଦର ବ୍ଲକର ବଡ଼ମସି ଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଉତ୍ସବ ପାଳିତ ହୋଇଯାଇଛି। ସାଂସଦ ବଳଭଦ୍ର ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ଅଙ୍ଗନ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

Nuapada/Desk

## ବିଶ୍ୱ ହୃଦୟ ଦିବସ

ହୃତ୍‌ପିଣ୍ଡର ଯତ୍ନ ଏବଂ ହୃଦ୍‌ରୋଗ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ଆଜି ବିଶ୍ୱ ହୃଦୟ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଗୋଟିଏ ବି ସ୍ପନ୍ଦନ ହରାନ୍ତୁ ନାହିଁ' । ୨୦୦୦ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି । ଉଚ୍ଚରକ୍ତଚାପ, ମଧୁମେହ, ଅତ୍ୟଧିକ କୋଲେଷ୍ଟ୍ରଲ, ମୋଟାପଣ, ମାନସିକ ଦୁଃଶ୍ଚିନ୍ତା, ଧୂମପାନ, କମ୍ ପରିଶ୍ରମ ଏବଂ ବଦଳୁଥିବା ଜୀବନଶୈଳୀ ପାଇଁ ଲୋକମାନେ ହୃଦ୍‌ରୋଗର ଶୀକାର ହେଉଛନ୍ତି। ହୃଦୟ ଦିବସ ସମ୍ପର୍କରେ ଏସ୍.ସି.ବି. ମେଡିକାଲ କଲେଜର ପ୍ରଫେସର ଡକ୍ଟର ଜୟନ୍ତ ପଣ୍ଡା ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ନର୍ସିଂ କଲେଜ ପକ୍ଷରୁ ଏହି ଦିବସ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କଲେଜ ପରିସରରୁ ଶୋଭାଯାତ୍ରା ବାହାରି ଖଡ଼ିଆଳ ନଗର ପରିକ୍ରମା କରିଥିଲା।

Desk

# ବର୍ଷା–ବନ୍ୟା

ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ମ୍ୟାଁମାର ଉପକୂଳରେ ଥିବା ଅବପାତ ଗଭୀର ଅବପାତରେ ପରିଣତ ହୋଇଛି । ସେହିପରି ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ ମଧ୍ୟ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୪ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ

କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କଟକ ଜିଲ୍ଲାର ବାଙ୍କୀରେ ସର୍ବାଧିକ ୪୫ ମିଲିମିଟର ବର୍ଷାର ରେକର୍ଡ କରାଯାଇଛି। ସେହିପରି କୋରାପୁଟ ଜିଲ୍ଲାର ବନ୍ଧୁଗାଁରେ ୩୩ ମିଲିମିଟର, ପୁରୀ କୃଷ୍ଣପ୍ରସାଦରେ ୨୯ ମିଲିମିଟର ବର୍ଷର ରେକର୍ଡ ହୋଇଛି। ଆସନ୍ତା ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ମଧ୍ୟମଧରଣର ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

ଉପରମୁଣ୍ଡରେ ବର୍ଷା ଯୋଗୁଁ ମହାନଦୀର ଶାଖା- ଲୁଣା, କରାଣ୍ଡିଆ, ଚିତ୍ରୋପ୍ଳା, କାଠଯୋଡ଼ି, କୁଆଖାଇ, ଦେବୀ, କୁଶଭଦ୍ରା ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଉଛି । ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାର ୫ଟି ବ୍ଲକର ୩୦୬ଟି ବିଦ୍ୟାଳୟକୁ ଆଜିପାଇଁ ବନ୍ଦ ରଖାଯାଇଛି ।

ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯ ଦଶମିକ ୬/୫ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡ୍‌ରେ ୪ଲକ୍ଷ ୪୮ହଜାର ୩୬୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୨୨ଟି ଗେଟ୍ ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି ।

ଅପରପକ୍ଷରେ ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ଗଭୀର ଅବପାତର ପ୍ରଭାବରେ ୬ଟି ଜିଲ୍ଲା ପ୍ରଭାବିତ ହୋଇଛି। ଏହି ଜିଲ୍ଲା ଗୁଡ଼ିକରେ ଲୋକଙ୍କୁ

ଆବଶ୍ୟକସ୍ଥଳେ ସ୍ଥାନାନ୍ତରିତ କରିବା ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

Kalahandi

# ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ **'ନୂତନ ଶ୍ରମ ସଂହିତା'** ସମ୍ପର୍କରେ...

ଶ୍ରମିକଙ୍କ ଅଧିକାର ଓ ସାମାଜିକ ସୁରକ୍ଷା, ନ୍ୟାୟସଂଗତ ମଜୁରି, ନିରାପଦ କାର୍ଯ୍ୟ ପରିବେଶ ନିଶ୍ଚିତ କରିବା ଲକ୍ଷ୍ୟ ନେଇ ଦେଶରେ ଶ୍ରମ ଆଇନ କ୍ଷେତ୍ରରେ ସଂସ୍କାର ଅଣାଯାଇଛି । ୨୯ଟି ପୁରୁଣା ଶ୍ରମ ଆଇନକୁ ଏକତ୍ର କରି ୪ଟି ଶ୍ରମ ସଂହିତା ପ୍ରସ୍ତୁତ କରାଯାଇଛି । ସେଗୁଡ଼ିକ ହେଲା ମଜୁରି ସଂହିତା, ସାମାଜିକ ସୁରକ୍ଷା ସଂହିତା, ଶିଳ୍ପ ସମ୍ପର୍କ ସଂହିତା ଏବଂ ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିବେଶ ସଂହିତା । ନୂତନ ଶ୍ରମ ସଂହିତାରେ ନିଯୁକ୍ତିପତ୍ର ପ୍ରଦାନ, ସର୍ବନିମ୍ନ ମଜୁରୀ ଓ ପ୍ରବାସୀ ଶ୍ରମିକଙ୍କ

ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଛି । ଏ ସମ୍ପର୍କରେ ସହକାରୀ ଶ୍ରମ ଅଧିକାରୀ ଭାବେଶ ଭୋଇ କହିଛନ୍ତି...

**- V/O -**

କଳାହାଣ୍ଡି ଜିଲ୍ଲାରେ କୃଷି, ନିର୍ମାଣ, ଖଣି, ଛୋଟ ବ୍ୟବସାୟ ସମେତ ବିଭିନ୍ନ ଅଣସଂଗଠିତ କ୍ଷେତ୍ରରେ ବହୁ ଶ୍ରମିକ କାର୍ଯ୍ୟ କରୁଛନ୍ତି । ନୂତନ ଶ୍ରମ ସଂହିତା' ଶ୍ରମିକମାନଙ୍କ ଜୀବନଜୀବିକାରେ ପରିବର୍ତ୍ତନ ଆଣିଛି ବୋଲି ଶ୍ରମିକ ନେତା ବିଷ୍ଣୁ ନାୟକ କହିଛନ୍ତି ।

କଳାହାଣ୍ଡିରୁ ସମ୍ବାଦଦାତା ସୁନୀଲ ପାଢ଼ିଙ୍କ ରିପୋର୍ଟ ସହ ମୁଁ ସ୍ମୃତିରେଖା ତାରେଣିଆ

HS

## ଓଏସ୍ଏସ୍‌ଟିଇଟି

ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା– ଓ.ଏସ୍.ଏସ୍.ଟି.ଇ.ଟି ୨୦୨୬ ସ୍ଥଗିତ ହେବା ନେଇ ସାମାଜିକ ଗଣମାଧ୍ୟମରେ ହେଉଥିବା ପ୍ରଚାରକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଖଣ୍ଡନ କରିଛି । ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି, ଓ.ଏସ୍.ଏସ୍.ଟି.ଇ.ଟି ପରୀକ୍ଷା ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆସନ୍ତାକାଲି ଅନୁଷ୍ଠିତ ହେବ । ବୋର୍ଡ ପକ୍ଷରୁ ଆଜି ଜାରି କରାଯାଇଥିବା ଏକ ଭିଡିଓ ବାର୍ତ୍ତାରେ ସଭାପତି ଶ୍ରୀକାନ୍ତ ତରାଇ, ସାମାଜିକ ଗଣମାଧ୍ୟମରେ ପ୍ରସାରିତ ବିଭ୍ରାନ୍ତିକର ତଥ୍ୟକୁ ବିଶ୍ୱାସ ନ କରିବା ପାଇଁ ପରୀକ୍ଷାର୍ଥୀମାନଙ୍କୁ ପରମାର୍ଶ ଦେଇଛନ୍ତି । ବୋର୍ଡ ପକ୍ଷରୁ ପରୀକ୍ଷା ସ୍ଥଗିତ କିମ୍ବା ବାତିଲ ହେବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

Kalahandi

## ଛତରଯାତ୍ରା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ସଚିନ ପାୱାରଙ୍କ ଅଧ୍ୟକ୍ଷତାରେ ମା’ ମାଣିକେଶ୍ୱରୀଙ୍କ ଛତର୍ ଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ଛତର୍ ଯାତ୍ରାରେ ପଶୁପକ୍ଷୀ ବଳି ନ ଦେଇ ଶାନ୍ତିଶୃଙ୍ଖଳାର ସହ ଯାତ୍ରା ସମାପନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ମନ୍ଦିର ପକ୍ଷରୁ ଜାରି ସୂଚନା ଅନୁସାରେ, ଆସନ୍ତା ଅକ୍ଟୋବର ମାସ ୧୯ ତାରିଖରେ ମା’ ମାଣିକେଶ୍ୱରୀଙ୍କ ପବିତ୍ର ଛତ୍ର ଜେନାଖାଲରେ ପୂଜାର୍ଚ୍ଚନା ପରେ ଭୋର୍ ୩ଟାରେ ମନ୍ଦିର ଅଭିମୁଖେ ଯାତ୍ରା କରିବ । ଛତର୍ ଯାତ୍ରାରେ ରାଜବାଟୀ ଦ୍ୱାରା ପୁରସ୍କୃତ ଘୁମୁରା ଦଳ ସମେତ ପୁଲିସ ବିଭାଗ ଦ୍ୱାରା ଚିହ୍ନଟ ଅନ୍ୟ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବେ ।

Desk

## ଏସିଆନ୍ ଗେମ୍ସ

ଜାପାନରେ ଚାଲିଥିବା ଦ୍ୱାଦଶ ଏସୀୟ କ୍ରୀଡ଼ାରେ ବନ୍ଧୁକ ଚାଳନାରେ ନିରୁ ଢ଼ାଣ୍ଡା ସ୍ୱର୍ଣ୍ଣପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି । ପ୍ରଥମ ଭାରତୀୟ ମହିଳା କ୍ରୀଡ଼ାବିତ୍ ଭାବେ ସେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ଜିତିଛନ୍ତି । ନିରୁ ଢ଼ାଣ୍ଡା ୨୮ ପଏଣ୍ଟ ହାସଲ କରିବା ସହ ନୂଆ

ଏସୀୟ ରେକର୍ଡ ସ୍ଥାପନ କରିଛନ୍ତି । ଏହାପୂର୍ବରୁ ମହିଳା ଦଳଗତ ପ୍ରତିଯୋଗିତାରେ ନିରୁ ଢ଼ାଣ୍ଡା, ଆସିମା ଅହଲାବତ ଏବଂ ମନିଷା କିର୍ ରୌପ୍ୟ ପଦକ ହାସଲ କରିଥିଲେ । ଭାରତୀୟ ଦଳ ମୋଟ୍ ୩୨୮ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି । ଏହି ପ୍ରତିଯୋଗିତାରେ ଚୀନ୍ ପ୍ରଥମ ଏବଂ କ୍ୱେତ୍ ତୃତୀୟ ସ୍ଥାନରେ ରହିଛି ।

ଏହି ଏସୀୟ କ୍ରୀଡ଼ାରେ ଭାରତ ୪୭ଟି ପଦକ ସହ ୧୧ତମ ସ୍ଥାନରେ ପହଞ୍ଚିଛି । ଏହି ପଦଗୁଡ଼ିକ ମଧ୍ୟରେ ୫ଟି ସ୍ୱର୍ଣ୍ଣ, ୨୧ଟି ରୌପ୍ୟ ଏବଂ ୨୧ଟି କାଂସ୍ୟପଦକ ରହିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କ୍ରୀଡ଼ାବିତ୍ ନିରୁ ଢ଼ାଣ୍ଡାଙ୍କୁ ବ୍ୟକ୍ତିଗତ ବର୍ଗରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି ।